# ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

# କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

# Programme Outcome (ପାଠ୍ୟଖସଡ଼ା ଫଳଶ୍ରୁତି)

ଭାରତର ଆଞ୍ଚଳିକ ଭାଷାମାନଙ୍କ ମଧ୍ୟରେ ଓଡ଼ିଆ ଭାଷାର ସ୍ଥିତି ଓ ଐତିହ୍ୟ ସ୍ୱତନ୍ତ୍ର । ଏହା ଓଡ଼ିଶା ପ୍ରଦେଶର ମାତୃଭାଷା, ମାନକଭାଷା ଓ ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷା ରୂପେ ଗୌରବାନ୍ୱିତ । ପ୍ରାକ୍- ସାରଳା ଯୁଗଠାରୁ ଆରମ୍ଭ କରି ଏଯାବତ୍ ଏହି ଭାଷାର ସାହିତ୍ୟିକ ବିକାଶ ଓ ବୈଭବ ମଧ୍ୟ ମର୍ଯ୍ୟାଦା ମଣ୍ଡିତ । ସୁତରାଂ ଓଡ଼ିଆ ଭାଷାକୁ ମାତୃଭାଷା ରୂପେ ବ୍ୟବହାର କରୁଥିବା ସ୍ନାତକ ଛାତ୍ରଛାତ୍ରୀ ତଥା ସମ୍ମାନ (Honours) ରୂପେ ନେଇ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀଙ୍କ ପାଇଁ ଏହି ପାଠ୍ୟଖସଡ଼ା ପ୍ରସ୍ତୁତ । ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସବୁ ସ୍ତରର ସ୍ନାତକ ଅଧ୍ୟାୟୀଙ୍କ ନିମିତ୍ତ ଏହା ଉପଯୋଗୀ ହେବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଛାତ୍ରଛାତ୍ରୀ କିପରି ଅନୁରାଗୀ ହେବେ ଓ ଭାଷା ସାହିତ୍ୟର ଅଭିବୃଦ୍ଧି ପାଇଁ ନିଜକୁ ସଂଶ୍ଳିଷ୍ଟ କରିବେ, ସେହି ଦିଗକୁ ଧ୍ୟାନ ଦିଆଯାଇ ଶଂସିତ ପାଠ୍ୟପତ୍ର ଗୁଡ଼ିକରେ ଓଡ଼ିଆ ଭାଷାର ଉନ୍ମେଷ, ବିକାଶ ଓ ବୈଶିଷ୍ଟ୍ୟ, ଓଡ଼ିଆ ବ୍ୟାକରଣ, ଓଡ଼ିଆ ସାହିତ୍ୟର ଐତିହାସିକ ବିବର୍ତ୍ତନ ଧାରା, ପ୍ରାଚ୍ୟ-ପାଶ୍ଚାତ୍ୟ କାବ୍ୟ ତତ୍ତ୍ୱ, ଲୋକ ସାହିତ୍ୟ, କାବ୍ୟ ସାହିତ୍ୟ, କଥା ସାହିତ୍ୟ, ନାଟ୍ୟ ସାହିତ୍ୟ, ଗଦ୍ୟ ସାହିତ୍ୟ ଓ ପତ୍ର ପତ୍ରିକା ପ୍ରଭୃତି ବିଷୟ ଏଥିରେ ଗର୍ଭିତ । ପୁନଶ୍ଚ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗର ପ୍ରତିନିଧିମୂଳକ ରଚନାକୁ ପାଠ୍ୟାନ୍ତର୍ଗତ କରାଯାଇଛି । ସାହିତ୍ୟର ବିବିଧ ଦିଗର ଅନୁଶୀଳନ ନିମିତ୍ତ ମଧ୍ୟ ପାଠ୍ୟପତ୍ରର ବ୍ୟବସ୍ଥା ରହିଛି । ତେଣୁ ଏହି ପାଠ୍ୟଖସଡ଼ା ନିମ୍ନମତେ ସ୍ନାତକ ଶିକ୍ଷାର୍ଥୀଙ୍କ ଭାଷା - ସାହିତ୍ୟ ଜ୍ଞାନର ଭୂୟୋବିକାଶରେ ଅବଶ୍ୟ ସହାୟକହେବ ।

- ଶୁଦ୍ଧ ଓଡ଼ିଆ ଲିଖନ, କଥନ ଓ ସର୍ଜନଶୀଳତାର ଅଭିବୃଦ୍ଧି
- ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ବିଷୟକ ଜ୍ଞାନ ଆହରଣ ଓ ବିକାଶ
- ମୂଲ୍ୟବୋଧ ଯୁକ୍ତ ସମାଜ ଗଠନ ଓ ମାତୃଭୂମି, ମାତୃଭାଷା ପ୍ରତି ସଂପ୍ରୀତି ସୃଷ୍ଟି
- ପରମ୍ପରାର୍ଜିତ ଭାଷା, ସଂସ୍କୃତିର ସଂରକ୍ଷଣ ଓ ପୁନରୁଜ୍ଜୀବନ
- ସନ୍ତୁଳିତ ପରିବେଶ ଓ ଜୈବ ସୁରକ୍ଷା
- ନିର୍ଭୁଲ ଓଡ଼ିଆ ଭାଷା ଶିକ୍ଷଣ, କମ୍ପ୍ୟୁଟରୀକରଣ ଓ ବ୍ୟାବହାରିକ ପ୍ରୟୋଗ ଜ୍ଞାନ ଅର୍ଜନ
- ପ୍ରାଶାସନିକ, ବୃତ୍ତିଗତ ଜୀବନରେ ସ୍ୱାଚ୍ଛନ୍ଦ୍ୟ ଓ ସ୍ୱାବଲମ୍ବନଶୀଳତାର ଅଭିବୃଦ୍ଧି
- ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ଦ୍ୱାରା ରାଷ୍ଟ୍ରୀୟତାବୋଧ ଓ ବିଶ୍ୱଦୃଷ୍ଟି ନିର୍ମାଣ
- ସୌନ୍ଦର୍ଯ୍ୟ ଚେତନାର ବିକାଶ, ଆଧୁନିକ ଜୀବନଦୃଷ୍ଟି ଓ ପ୍ରଗତିଶୀଳ ମନୋଭାବ ସୃଷ୍ଟି

## Course Code 1.1

ପୁରାଣ ଓ ପ୍ରାଚୀନ କାବ୍ୟ କବିତା

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

ଏହି ପତ୍ରଟିରେ ସଂଶ୍ଳିଷ୍ଟ ଥିବା ୫ ଗୋଟି ଏକକର ପାଠ୍ୟ ପ୍ରସଙ୍ଗ ଓଡ଼ିଆ ସାହିତ୍ୟର ପ୍ରାଚୀନ ମଧ୍ୟଯୁଗୀୟ କାବ୍ୟ, କବିତା, ପୁରାଣର ଭାବବସ୍ତୁ, ଗଠନଭଙ୍ଗୀ, ରଚନାବିଧି ଏବଂ ତତ୍କାଳିକ ଓଡ଼ିଶାର ସାମାଜିକ-ସାଂସ୍କୃତିକ ମାନସ ସାହିତ୍ୟାଶ୍ରିତ ପ୍ରତିଫଳନ କିପରି ପାଇଛି ବିଷୟରେ ବିଦ୍ୟାର୍ଥୀ ସବିଶେଷ ଧାରଣା ପାଇପାରିବେ ।

**Unit Wise Learning Outcome** (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

**Unit-1** ଆଦି କବି ସାରଳା ଦାସଙ୍କ ସାରଳା ମହାଭାରତ ପାଠ କରିବା ଦ୍ୱାରା ଛାତ୍ରଛାତ୍ରୀ ସମାଜର ଚିତ୍ର, ସହ. ପୌରାଣିକ ଚରିତ୍ର, ସଂସ୍କୃତି, ଶିକ୍ଷା ସଂପର୍କରେ ଜ୍ଞାନଲାଭ କରିବେ ।

**Unit-2** ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ଏକ ଶିକ୍ଷଣୀୟ ନୀତିପ୍ରଦ ଯାହା ଓଡ଼ିଆ ମାନବ ଜୀବନର ଶିକ୍ଷା ପ୍ରଦାନ କରିଥାଏ । ଛାତ୍ରଛାତ୍ରୀଙ୍କ ପାଇଁ ଉପାଦେୟ ପାଠ୍ୟ ।

**Unit-3** ରୀତିଯୁଗୀୟ କାବ୍ୟଦ୍ରଷ୍ଟା ଉପେନ୍ଦ୍ର ଭଞ୍ଜ ଜଣେ ପ୍ରଭାବଶାଳୀ ଶିଳ୍ପୀ ଯାହାଙ୍କୁ ଛାତ୍ରଛାତ୍ରୀ ଜାଣିବା ଏକାନ୍ତ ଆବଶ୍ୟକ ।

**Unit-4** ପ୍ରାଚୀନ ଓଡ଼ିଆ କବିତା କାହାଣୀ ଧର୍ମୀ କାବ୍ୟାଂଶ ଉପରେ ଆଧାରିତ ହୋଇଥିବାରୁ ଛାତ୍ରଛାତ୍ରୀଙ୍କ ଜ୍ଞାନ ଆହରଣ ଓ ଚିତ୍ତଉଲ୍ଲାସ ହେବ ।

**Unit-5** ପ୍ରାଚୀନ ଓଡିଆ କବିତା କାହାଣୀ ସ୍ୱରୂପ ମାଧମରେ ଈଶ୍ୱର, ଧର୍ମ, ଭକ୍ତି ଭାବନା ଉଦ୍ରେକ ହେବା ସହ ଛାତ୍ରଛାତ୍ରୀଙ୍କ ଜ୍ଞାନର ପ୍ରସାର ଘଟିବ ।

## Course Code 1.2

ଆଧୁନିକ କାବ୍ୟ କବିତା

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

ଆଧୁନିକ ଧାରା ରେନେସାର ପରିଣାମ । ସାହିତ୍ୟର ଆଧୁନିକ ଆନ୍ଦୋଳନର ପୃଷ୍ଠଭୂମି ଏବଂ ଉପନିବେଶବାଦୀ ବ୍ୟବସ୍ଥା ଭିତରେ ଓଡ଼ିଆ ସାହିଥ୍ୟର ପଦ୍ୟଧାରାରେ ଆଧୁନିକତାର ଉନ୍ମେଷ କିପରି ଘଟିଥିଲା । ସେ ବିଷୟରେ ଏକ ମାନବ ମାନଦଣ୍ଡର ଧାରଣା ବିଦ୍ୟାର୍ଥୀ ପାଇପାରିବେ ।

ଆଧୁନିକ କାବ୍ୟକବିତାର ପାଠଧର୍ମୀ (ଟେକ୍ସ୍‌ଟେ ବେସ୍‌ଡ୍) ଧାରଣା (୧୮୭୦-୧୯୭୦) ପର୍ଯ୍ୟନ୍ତ ସାହିତ୍ୟକ ପଦ୍ୟାତ୍ମକ କ୍ରମୋନ୍ନତି ବିଷୟରେ)କୁ ଏ ପତ୍ରଟି ପୂରଣ କରିବ ।

**Unit Wise Learning Outcome** (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

**Unit-1** କବିବର ରାଧାନାଥଙ୍କ ମହାଯାତ୍ରା ଅଧ୍ୟୟନ ଦ୍ୱାରା ଛାତ୍ରଛାତ୍ରୀ ପ୍ରାରମ୍ଭିକ ପର୍ଯ୍ୟାୟର ଆଧୁନିକ କାବ୍ୟଧାରା ସହ, ପୌରାଣିକ ଚୁକ୍ତି ଓ ସନ୍ଧୀ କିପରି ରହିଛି । ତାହା ଛାତ୍ରଛାତ୍ରୀ ଜାଣିପାରିବେ ।

**Unit-2** ଆଧୁନିକ ଓଡ଼ିଆ ସାହିତ୍ୟର ସୁପ୍ରତିଷ୍ଠିତ କବି ରାଧାମୋହନ ଗଡନାୟକଙ୍କ କବିତା ଗୁଡିକ ଅଧ୍ୟୟନ କରି ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ ।

**Unit-3** ଆଧୁନିକ ଓଡ଼ିଆ ଓ କବିତାରେ ଦର୍ଶାଯାଇଥିବା ଦିଗ ଯାହା ଛାତ୍ରଛାତ୍ରୀଙ୍କୁ ଏକ ନୂତନ ଜ୍ଞାନ ପ୍ରଦାନ କରିଥାଏ ।

**Unit-4** ଓଡ଼ିଆ କବିତା, କବି ଓ ଆଧୁନିକ କବିତା ମଧ୍ୟରେ ଥିବା ଭିନ୍ନତା ବା ନୂତନତା । ଯାହା ଏକ ଭିନ୍ନ ରୂପରେ ପରିପ୍ରକାଶିତ ହୋଇଥାଏ, ତାହା ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ପାଇଁ ଗୁରୁତ୍ୱପୂର୍ଣ୍ଣ ।

**Unit-5** ଆଧୁନିକ ଓଡ଼ିଆ ଗୀତିକବିତାର ବୈଚିତ୍ର୍ୟ ଓ ବିଶେଷତ୍ୱ ଓ ଜୀବନବସ୍ଥା ସୂଚିତ ହୋଇଥାଏ, ଯାହା ଅଧ୍ୟୟନ ଦ୍ୱାରା ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ ।

## Course Code 1.3

### କଥା ସାହିତ୍ୟ

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

ପାଠ୍ୟପୁସ୍ତକ ମାଧ୍ୟମରେ ପ୍ରାଚୀନ ମଧ୍ୟଯୁଗରୁ ଓଡ଼ିଆ ଗଦ୍ୟ ସାହିତ୍ୟ/ କଥା ସାହିତ୍ୟ କିପରି ଭାବରେ ଓଡ଼ିଆ ସାହିତ୍ୟର ପରିଧିକୁ ସମୃଦ୍ଧ ଓ ବ୍ୟାପକ କରିଛି ତାହା ବିଷୟରେ ଅବଗତ ହେବା ସଙ୍ଗେ ଏହି ଏକକରେ ଚଳୁଥିବା ପାଠ୍ୟଧର୍ମୀ କଥା ଗ୍ରନ୍ଥଗୁଡିକୁ ଉଭୟ ଭାବସତ୍ତା ଓ ପ୍ରକରଣ ଧର୍ମରୁ ଆଲୋଚନା କରି ଶିକ୍ଷାଦାନ ଓ ପ୍ରକାଶ କରିବା ଦ୍ୱାରା ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଓଡ଼ିଆ ଗଦ୍ୟଧାରା ସମ୍ବନ୍ଧରେ ଏକ ପୂର୍ଣ୍ଣାଙ୍ଗ ପ୍ରତ୍ୟୟ ସୃଷ୍ଟି ହେବ ।

**Unit Wise Learning Outcome** (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

**Unit-1** ଓଡ଼ିଶାର ଉଦାର ଧର୍ମ ପରଂପରା ଓ ଶୈବଧର୍ମର ନେଇ ରୁଦ୍ରମୁଧାନିଧି କିପରି ସଫଳ ହେବା ସହ ଛାତ୍ରଛାତ୍ରୀଙ୍କୁ ଧର୍ମତତ୍ୱର ଜ୍ଞାନପ୍ରଦାନ କରିଥାଏ ତାହା ଗୁରୁତ୍ୱପୂର୍ଣ୍ଣ ।

**Unit-2** ଆଦିବାସୀ ଜୀବନଚର୍ଯ୍ୟାକୁ ନେଇ ଭୀମଭୂୟାଁ ଉପନ୍ୟାସର ମାନବୀୟ ଗୁଣବତ୍ତା ଓ ସାମାଜିକ ନିଖୁଣ ଚିତ୍ର ଛାତ୍ରଛାତ୍ରୀଙ୍କୁ ଜ୍ଞାନପ୍ରଦାନ କରିପାରିବ ।

**Unit-3** ଉପନ୍ୟାସର ସାହିତ୍ୟରେ ମାନବୀୟ ମନସ୍ତତ୍ୱ ସହ ସମାଜର କୁ-ବ୍ୟବସ୍ଥାକୁ କିପରି ସୁରେ ରୂପାୟିତ କରିବ, ତାହା ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରେରଣା ।

**Unit-4** ଗୋପୀନାଥ ମହାନ୍ତିଙ୍କ ଦାନାପାଣି, ଯାହା ଜୀବନକୁ କିପରି ଜୀଇବା ଆବଶ୍ୟକ, ସ୍ୱାଭିମାନର ସହ, ଶୀକ୍ଷାର୍ଥୀ ଆକଳନ କରିପାରିବେ ।

**Unit-5** ଓଡିଆ ଗଳ୍ପ ପଠନ ଦ୍ୱାରା ଶୀକ୍ଷାର୍ଥୀମାନେ ସାହିତ୍ୟର ସାମଗ୍ରିକ ମୂଲ୍ୟବୋଧକୁ ଆକଳନ କରିପାରିବେ ।

## Course Code 1.4

### ଗଦ୍ୟ ସାହିତ୍ୟ

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

ଅଣକାହାଣୀ ପ୍ରଧାନ ଗଦ୍ୟ ଓଡ଼ିଆ ସାହିତ୍ୟର ଆଧୁନିକତା ନିର୍ଣ୍ଣୟ କ୍ଷେତ୍ରରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରେ । ଓଡ଼ିଆ ଭାଷାର ଗଦ୍ୟଧର୍ମୀ ପ୍ରୟୋଗ, ଚିନ୍ତାନିଷ୍ଠ ଗଦ୍ୟରଚନା, ପର୍ଯ୍ୟଟନ ଓ ଆତ୍ମଜୀବନୀ-ଜୀବନୀ କେନ୍ଦ୍ରିକ ତଥ୍ୟାତ୍ମକ ଧାରଣାର ସାହିତ୍ୟିକ ପ୍ରତିଫଳନ ବିଷୟରେ ଏହି ପତ୍ରର ପାଠ୍ୟ ପ୍ରସଙ୍ଗଗୁଡିକୁ ବିଦ୍ୟାର୍ଥୀଙ୍କୁ ଜ୍ଞାନାତ୍ମକ ଧାରଣା ଦେବ । ସେମାନଙ୍କ ଚେତନା ଉଦ୍ରେକର ସର୍ଜନଶୀଳ ସାମର୍ଥ୍ୟ ଓ କଳ୍ପନାର ଯୁକ୍ତିନଷ୍ଟ ପରିପ୍ରକାଶ ପାଏ । ଭାଷିକ ଦକ୍ଷତା ବୃଦ୍ଧି କରିପାରିବ ।

**Unit Wise Learning Outcome** (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

**Unit-1** ଜୀବନପଥେ ରମାଦେବୀଙ୍କ ଜୀବନକଥା ସହିତ ଓଡ଼ିଶାର ପ୍ରାଣସ୍ପନ୍ଦନ ତଥା ଗାନ୍ଧୀଜୀଙ୍କ ଜୀବନର ବାର୍ତ୍ତା, ବିଦ୍ୟାର୍ଥୀଙ୍କୁ ପ୍ରେରଣା ପ୍ରଦାନ କରିପାରିବ ।

**Unit-2** ଓଡିଆ ଭ୍ରମଣ କାହାଣୀର ବିଦେଶାନୁଭତିକୁ ନେଇ ଆମେରିକା ଅନୁଭୂତିର ଶିକ୍ଷା, ରାଜନୀତି, ପୋଲିସ ଆଦି ଭିତରେ ଥିବା ପାର୍ଥକ୍ୟ ଛାତ୍ରଛାତ୍ରୀ ଉପଲଦ୍ଧି କରିପାରିବେ ।

**Unit-3** ଓଡିଆ ଗଦ୍ୟ ସାହିତ୍ୟର ସ୍ଥାନ ସ୍ୱତନ୍ତ୍ର । ଓଡିଆର ଗର୍ବ ଓ ଗୌରବରେ ଓଡିଶାର ଗୌରବ ଭାବରେ ଶିକ୍ଷାର୍ଥୀ ପ୍ରେରଣା ଲାଭ କରିପାରିବେ ।

**Unit-4** ଓଡିଆ ଗଦ୍ୟ ସାହିତ୍ୟରେ ସୌନ୍ଦର୍ଯ୍ୟ, ପ୍ରେମ, ଭାରତୀୟ ନାରୀର ଆଦର୍ଶ ଶିକ୍ଷା, କ୍ଷମା ଆଚରଣ, ଏସବୁର ଭୂମିକା ଛାତ୍ରଛାତ୍ରୀଙ୍କୁ ଜ୍ଞାନ ପ୍ରଦାନ କରିପାରିବ ।

Unit-5 ସାହିତ୍ୟର ବିଭିନ୍ନ ବିଭାଗ ସାହିତ୍ୟକୁ ପରିପୃଷ୍ଟ କରେ ପ୍ରବନ୍ଧ, ଜୀବନୀ, ଆତ୍ମଜୀବନୀ, ଭ୍ରମଣ କାହାଣୀର ସ୍ମରଣୀୟ କିୟଦଂଶ ପାଠ କରି ଛାତ୍ରଛାତ୍ରୀ ଜ୍ଞାନ ଉପଲବ୍ଧି କରିପାରିବେ ।

## Course Code 2.1

### ଭାଷା ବିଜ୍ଞାନ

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

ଭାଷାର ଉତ୍ପତ୍ତି ଓ କ୍ରମବିକାଶ ସମ୍ବନ୍ଧୀୟ ସିଦ୍ଧାନ୍ତର ଅବବୋଧ ତିଆରି କରିବା । ଭାଷାର ବିବର୍ତ୍ତନ ଧର୍ମ ପଶ୍ଚାତରେ ରହିଥିବା ସାଂସ୍କୃତିକ, ରାଜନୈତିକ, ସାହିତ୍ୟିକ ଓ ବୈଜ୍ଞାନିକ କାରଣଗୁଡ଼ିକ ସଂପର୍କରେ ଜାଣିବା । ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଓଡିଆ ଭାଷାର ଐତିହାସିକ କ୍ରମପରିମାଣ ବିଷୟରେ ଅବଗତ ହବା ।

**Unit Wise Learning Outcome** (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

Unit-1 ଭାଷାର ଉତ୍ପତ୍ତି କିପରି ହେଲା, ସେ ସଂପର୍କରେ ପ୍ରଚଳିତ ବିବିଧ ମତବାଦ ପାଠକରି ଛାତ୍ରଛାତ୍ରୀ ଭାଷା ସୃଷ୍ଟିର ଦିଗଦିଗନ୍ତକୁ ଜାଣିପାରିବେ ।

Unit-2 ବାଗ୍‌ଯନ୍ତ୍ର, ତା'ର ବିଭିନ୍ନ ଅଂଶର ପରିଚୟ, ଭାବବିନିମୟର ଭୂମିକାକୁ ଛାତ୍ରଛାତ୍ରୀ ଜାଣିବା ନିତାନ୍ତ ଆବଶ୍ୟକ ।

Unit-3 ଅର୍ଥ ଓ ଧ୍ୱନି ପରିବର୍ତ୍ତନ କରି କିପରି ଭାବର ଆଦାନ ପ୍ରଦାନ କରାଯିବ, ଛାତ୍ରଛାତ୍ରୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟ ।

Unit-4 ବିଶ୍ୱ ବହୁ ଭାଷା ପ୍ରଚଳିତ । ସମୁଦାୟ ଭାଷାକୁ ନେଇ ପୃଥିବୀର ଭାଷା ପରିବାର ଗଠିତ । ଭାଷା ପରିବାର ସଂପର୍କରେ ଜାଣିବା ଛାତ୍ରଛାତ୍ରୀଙ୍କ ନିତାନ୍ତ ଆବଶ୍ୟକ ।

Unit-5 ଓଡିଆ ଭାଷା ସହ ଇଂରାଜୀ, ଯାବନିକ, ଦ୍ରାବିଡ ଆଦି ଭାଷା ସଂପର୍କରେ ଜାଣି ଶିକ୍ଷାର୍ଥୀ ଜ୍ଞାନଲାଭ କରିପାରିବେ ।

## Course Code 2.2

### ଓଡ଼ିଆ ସାହିତ୍ୟର ଇତିହାସ

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

ନିରବଚ୍ଛିନ୍ନ ଭାବରେ ଶହଶହ ବର୍ଷଧରି ପ୍ରଚଳିତ ଓଡ଼ିଆ ସାହିତ୍ୟର ଗତିପଥକୁ ଜାଣିପାରିବା । ପ୍ରବାହରେ ନୂତନ ଧାରା ନିର୍ମାଣ କରିଥିବା କବିଙ୍କ ସଂପର୍କରେ ଅବଧାରଣା ତିଆରି କରିପାରିବା । ସାଂସ୍କୃତିକ ରାଜନୈତିକ ବିଶେଷତା ଦୃଷ୍ଟିରୁ ଓଡ଼ିଆ ସାହିତ୍ୟକୁ ମୂଲ୍ୟାଙ୍କନ କରିବା ।

**Unit Wise Learning Outcome** (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

**Unit-1** ପ୍ରାକ୍ ସାରଳା ସାହିତ୍ୟ ଅଧ୍ୟୟନ ଦ୍ୱାରା ଛାତ୍ରଛାତ୍ରୀ ଧର୍ମ କୈନ୍ଦ୍ରିକ, ସାମାଜିକ ସାହିତ୍ୟକ ପରିଚୟ ସଂପର୍କରେ ଜ୍ଞାନ ଲାଭ କରିପାରିବେ ।

**Unit-2** ସାରଳା ଓ ପଞ୍ଚସଖା ସାହିତ୍ୟ ସାମାଜିକ ଓ ସାଂସ୍କୃତିକ ଜୀବନର ବୈଶିଷ୍ଟ୍ୟ ବହନ କରେ । ଯାହା ଛାତ୍ରଛାତ୍ରୀଙ୍କ ପାଇଁ ଉପାଦେୟ ହେବ ।

**Unit-3** ରୀତି ସାହିତ୍ୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ପ୍ରଭାବଶାଳୀ, ଶୀକ୍ଷାର୍ଥୀଙ୍କୁ ଉପାଦେୟ ତଥ୍ୟ ପ୍ରଦାାନ କରିଥାଏ ।

**Unit-4** ସ୍ୱାଧୀନତା ପୂର୍ବବର୍ତ୍ତୀ ସାହିତ୍ୟ ଚର୍ଚ୍ଚା କରାଯିବା ଫଳରେ ଶୀକ୍ଷାର୍ଥୀମାନେ ଏହି ସମୟର ବିଶିଷ୍ଟ ସାହିତ୍ୟସ୍ରଷ୍ଟାଙ୍କ କୃତିତ୍ୱ ଜାଣିପାରିବେ ।

**Unit-5** ସ୍ୱାଧୀନତା ପରବର୍ତ୍ତୀ କାଳର ବିଶିଷ୍ଟ ସାହିତ୍ୟିକ ମାନଙ୍କୁ ଅଧ୍ୟୟନ ଦ୍ୱାରା ବିଦ୍ୟାର୍ଥୀ ଉପକୃତ ହୋଇପାରିବେ ।

## Course Code 2.3

### ଓଡ଼ିଆ ନାଟ୍ୟ ସାହିତ୍ୟ

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

ଓଡ଼ିଆ ନାଟ୍ୟସାହିତ୍ୟର କ୍ରମୋନ୍ନତି, ବିକାଶଧାରା ଓ ପରିବର୍ତ୍ତିତ ମଞ୍ଚଗତ, ସାହିତ୍ୟିକ ଲକ୍ଷଣ ସଂପର୍କରେ ଅବଗତ ହୋଇପାରିବା । ବିଭିନ୍ନ ସମୟରେ ଓଡ଼ିଆରେ ରଚିତ ନିର୍ଦ୍ଦିଷ୍ଟ ନାଟକର ଅଧ୍ୟୟନ ଅବଲମ୍ବନରେ ନାଟ୍ୟକଳାର ପ୍ରକରଣାତ୍ମକ ସଂଘଟନ ସଂପର୍କରେ ଜାଣିପାରିବା ।

**Unit Wise Learning Outcome** (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

**Unit-1** ପୌରାଣିକ ଉପଖ୍ୟାନକୁ ନେଇ ରଚିତ ନାଟକ ପଠନ ଦ୍ୱାରା ବିଦ୍ୟାର୍ଥୀ ଜ୍ଞାନଲାଭ କରିପାରିବେ ।

**Unit-2** ଦୁର୍ଭିକ୍ଷ, ସାମାଜିକ ଜୀବନର ବିବିଧ ରୂପକୁ ଛାତ୍ରଛାତ୍ରୀ ଉପଲବ୍ଧି କରିପାରିବେ ଯୌନପିପାସା, ଜୀବନର ଲକ୍ଷ୍ୟକୁ ନେଇ ଅଗ୍ରସର ହେବା, ଯାହା ଅରଣ୍ୟ ଫସଲର ନାଟକ ମାଧ୍ୟମରେ ସଚେତନ ହୋଇପାରିବେ ।

**Unit-4** ପ୍ରଭାବଶାଳୀ କଥାବସ୍ତୁ ଓ ଆଭିମୁଖ୍ୟକୁ ନେଇ ନାଟ୍ୟ ସାହିତ୍ୟ ଗଠନରେ ଜ୍ଞାନଲାଭ କରିପାରିବେ ।

**Unit-5** ବଳିଷ୍ଠ ଏକାଙ୍କିକା ଅଧ୍ୟୟନ ଦ୍ୱାରା ପ୍ରେରଣା ଲାଭ କରିପାରିବେ ।

## Course Code 2.4

ତୁଳନାତ୍ମକ ସାହିତ୍ୟ, ସମୀକ୍ଷାତତ୍ତ୍ୱ ଅନୁବାଦ ସାହିତ୍ୟ

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

ଓଡ଼ିଆ ସାହିତ୍ୟକୁ ବିଶ୍ୱସାହିତ୍ୟ ଦୃଷ୍ଟିରୁ ଆକଳନ କରିବାର ପ୍ରକ୍ରିୟା ସଂପର୍କରେ ଅବଗତ ହୋଇପାରିବା । ସାହିତ୍ୟର ରୂପାନ୍ତରଗତ କଳା କାରିଗରୀ ସଂପର୍କରେ ନୂତନ ଅବଧାରଣାକୁ ବୁଝିପାରିବା । ସର୍ଜନଶୀଳ ସୃଷ୍ଟିର ସମୀକ୍ଷା ନିମିତ୍ତ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମୀକ୍ଷାତତ୍ତ୍ୱ ସମ୍ବନ୍ଧିତ ଅବରୋଧ ନିର୍ମାଣ କରିବା ।

### Unit Wise Learning Outcome (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

**Unit-1** ତୁଳନାତ୍ମକ ସାହିତ୍ୟର ତାତ୍ତ୍ୱିକଦିଗ ଉପରେ ଅବଗତ ହୋଇପାରିବେ ।

**Unit-2** ତୁଳନାତ୍ମକ ସାହିତ୍ୟ ମାଧ୍ୟମରେ ବିଭିନ୍ନ ଭାଷାର ସାହିତ୍ୟରେ ଜ୍ଞାନ ଅର୍ଜନ କରିପାରିବେ ।

**Unit-3** ସମୀକ୍ଷାତତ୍ତ୍ୱ ମାଧ୍ୟମରେ ତାତ୍ତ୍ୱିକ ଦିଗରେ ଜ୍ଞାନ ଲାଭ କରିପାରିବେ ।।

**Unit-4** ଅନୁବାଦ ମାଧ୍ୟମରେ ବିଭିନ୍ନ ଭାଷା ସାହିତ୍ୟର ଜ୍ଞାନଅର୍ଜନ କରିବାର ଦକ୍ଷତା। ବିକାଶ ଘଟିବ

**Unit-5** ଆଧୁନିକ ସାହିତ୍ୟର ଉପାଦାନରେ ଜ୍ଞାନଅର୍ଜନ କରିପାରିବେ ।

## Course Code 3.1

ଭାଷାତତ୍ତ୍ୱ-୧

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

ଆନ୍ତର୍ଜାତୀୟ ଭାଷାତତ୍ତ୍ୱ ଅଧ୍ୟୟନର ବିଭିନ୍ନ ପରମ୍ପରା ସମ୍ବନ୍ଧି ସିଦ୍ଧାନ୍ତକୁ ଜାଣିବା । ଭାଷା ଗଠନ କୌଶଳ ଜାଣିବା । ଓଡ଼ିଆ ଭାଷାକୁ ବିଶ୍ୱସ୍ତରୀୟ ଭାଷାତତ୍ତ୍ୱ ଦୃଷ୍ଟିରୁ ଅଧ୍ୟୟନ କରିବାର ଦକ୍ଷତା ବୃଦ୍ଧି କରିପାରିବା । ଭାଷା ଅଧ୍ୟୟନ ବିଭିନ୍ନ ବୈଜ୍ଞାନିକ ପଦ୍ଧତି ସଂପର୍କରେ ଅବଗତ ହୋଇପାରିବା ।

### Unit Wise Learning Outcome (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

**Unit-1** ବିଭିନ୍ନ ଭାଷା ଅଧ୍ୟୟନରୁ ବିଦ୍ୟାର୍ଥୀ ଭାଷା ବିଷୟକ ଜ୍ଞାନଅର୍ଜନ କରିବେ ।

**Unit-2** ବାଗ୍ଯନ୍ତ୍ର, ତା'ର ବିଭିନ୍ନ ଅଂଶର କାର୍ଯ୍ୟକାରିଣୀ, ଛାତ୍ରଛାତ୍ରୀ ଅବଗତ ହେବେ ।

**Unit-3** ଧ୍ୱନିର ବର୍ଗୀକରଣ ସହ ଉଭୟ ଓଡିଆ ଓ ଇଂରାଜୀ ସାହିତ୍ୟରେ ଜ୍ଞାନଅର୍ଜନ କରିବେ ।

**Unit-4** ଫୋନିମ୍‌ର ବହୁ ତଥ୍ୟ ଅବଗତ ହେବେ ।

**Unit-5** ଧ୍ୱନ୍ୟାତ୍ମକ ପ୍ରତିଲିଖିନ ମାଧ୍ୟମରେ ସାମୁହିକ ଜ୍ଞାନର ବୃଦ୍ଧି ହେବ ।

## Course Code 3.3

ଓଡ଼ିଆ କଥାସାହିତ୍ୟ

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

- ବିଦ୍ୟାର୍ଥୀ କାହାଣୀ ପ୍ରଧାନ ଗଦ୍ୟ ସାହିତ୍ୟର ବିକାଶକ୍ରମ ଜାଣିପାରିବେ ।
- କଥାସାହିତ୍ୟ୍ୟର ତାତ୍ତ୍ୱିକ ଦିଗକୁ ନେଇ ଓଡ଼ିଆ ଗଳ୍ପ ଓ ଉପନ୍ୟାସର ରଚନାଭଙ୍ଗୀ ଓ ଭାବପକ୍ଷ ବିଷୟରେ ଆପଣାର ଜ୍ଞାନକୁ ଶାଣିତ ଓ ଉପଯୋଗୀମୂଳକ କରିପାରିବେ ।
- ଓଡ଼ିଆ କଥାଶିଳ୍ପୀଙ୍କ ଭିନ୍ନତା ନିରୂପଣ କରିପାରିବେ ।

### Unit Wise Learning Outcome (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

**Unit-1** ଉପନ୍ୟାସର କ୍ରମବିକାଶରେ ଛାତ୍ରଛାତ୍ରୀ ଉପନ୍ୟାସର ମହତ୍ତ୍ୱକୁ ଉପଲବ୍ଧି କରିପାରିବେ ।

**Unit-2** ଗଳ୍ପ ସାହିତ୍ୟର ବିଦ୍ୟାର୍ଥୀଙ୍କୁ ଉପଯୋଗୀ ହେବ ।

**Unit-3** ଶିକ୍ଷାର୍ଥୀ କଳାର ଶିଳ୍ପକୌଶଳକୁ ଜାଣିବେ ।

**Unit-4** ଗଦ୍ୟ ସାହିତ୍ୟରେ ଭିନ୍ନତାକୁ ନେଇ ସମାଲୋଚକ ହୋଇପାରିବେ ।

**Unit-5** କଥା ସାହିତ୍ୟର ତତ୍ତ୍ୱକୁ ଉପଲବ୍ଧି କରିପାରିବେ ।

## Course Code 3.4

ନାଟ୍ୟତତ୍ତ୍ୱ ଓଡ଼ିଆ ନାଟ୍ୟସାହିତ୍ୟ

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

- ଓଡ଼ିଆ ନାଟକର କ୍ରମବିକାଶକୁ ନେଇ ନିଜର ଜ୍ଞାନଧାରାକୁ ଉଜ୍ଜୀବୀତ କରିପାରିବେ ।
- ଓଡ଼ିଆ ନାଟ୍ୟସାହିତ୍ୟ ଓ ନାଟ୍ୟକାର ବହୁପାକ୍ଷିକ ବୈଶିଷ୍ଟ୍ୟ ସଂପର୍କରେ ନିଜର ଦକ୍ଷତା ବୃଦ୍ଧି କରିପାରିବେ ।

### Unit Wise Learning Outcome (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

**Unit-1** ନାଟକର ବାସ୍ତବକିତାକୁ ଉପଲବ୍ଧ କରିବେ ।

**Unit-2** ନାଟକର ମହତ୍ତ୍ୱକୁ ଛାତ୍ରଛାତ୍ରୀ ଜାଣିପାରିବେ ।

**Unit-3** ସ୍ୱାଧୀନତା ପୂର୍ବବର୍ତ୍ତୀ ସ୍ରଷ୍ଟାଙ୍କ କୃତିରୁ ଜ୍ଞାନଅର୍ଜନ କରିବେ ।

**Unit-4** ସ୍ୱାଧୀନତା ପରବର୍ତ୍ତୀ ନାଟ୍ୟସ୍ରଷ୍ଟାଙ୍କ କୃତି ଅଧ୍ୟୟନ ଛାତ୍ରଛାତ୍ରୀ ପାଇଁ ଉପଯୋଗୀ ହେବ ।

**Unit-5** ନାଟକର ବିଭିନ୍ନ ଦିଗର ମହତ୍ତ୍ୱ ଉପଲବ୍ଧି କରିବେ ।

## Course Code 3.5

ଆଧୁନିକ କାବ୍ୟ କବିତା

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

ବିଶ୍ୱ କାବ୍ୟବୋଧ ସାହିତ୍ୟ ଓଡ଼ିଆ ଆଧୁନିକ କାବ୍ୟକବିତାର ଭାବ ଓ ଶିଳ୍ପୀପକ୍ଷକୁ ନିରୂପଣ କରିପାରିବେ । ଓଡ଼ିଆ କବିତାର ବିଭାସିତ ଓ ନବନ୍ୟାୟିକ ବିକାଶକ୍ରମ ବିଷୟରେ ଏହି ପତ୍ରଟି ବିଦ୍ୟାର୍ଥୀଙ୍କୁ ଜ୍ଞାନ ଧାରଣା ପ୍ରଦାନ କରିବ ।

### Unit Wise Learning Outcome (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

**Unit-1** ଆଧୁନିକ କାବ୍ୟଧାରାର ବିଭିନ୍ନ ଚେତନା ଶିକ୍ଷାର୍ଥୀଙ୍କୁ ପ୍ରେରଣା ପ୍ରଦାନ କରିବା ।

**Unit-2** କବିଙ୍କ କବିତାର ତାତ୍ତ୍ୱିକ ବୈଶିଷ୍ଟ ସଫଳତା ପ୍ରଦାନ କରିବା ।

**Unit-3** ବିଭିନ୍ନ ପରୀକ୍ଷାର ସ୍ୱରରୁ ଭିନ ଭିନ୍ନ ଜ୍ଞାନଅର୍ଜନ କରିବେ ।

**Unit-4** ମିଥ୍, ପ୍ରତୀକ ଚିତ୍ରକଳ୍ପ ଆଧୁନିକ କବିତାର ଅପରିହାର୍ଯ୍ୟ ଉପାଦାନ ଯାହା ଶିକ୍ଷାର୍ଥୀଙ୍କୁ ଉପାଦେୟ ହେବ ।

**Unit-5** ବିଭିନ୍ନ ଚେତନା କିପରି କବିତାରେ ପ୍ରତିଫଳିତ, ଯାହା ବିଦ୍ୟାର୍ଥୀଙ୍କୁ ଜୀବନ ଜୀଇବାର ଶିକ୍ଷା ପ୍ରଦାନ କରିଥାଏ ।

## Course Code 3.6

ଆଧୁନିକ ଗଦ୍ୟ ସାହିତ୍ୟ

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

ବିଦ୍ୟାର୍ଥୀବୃନ୍ଦ ଅଣକାହାଣୀ ପ୍ରଧାନ ଓଡ଼ିଆ ଗଦ୍ୟର ବହୁପାକ୍ଷିକ ଦିଗ ବିଷୟରେ ଓ ସେସବୁର ଉତ୍ତରଣ ଜାଣିପାରିବେ । ଓଡ଼ିଆ ଗଦ୍ୟଭାଷାର ବିତର୍କମୂଳକ ତର୍କଣାମୂଳକ, ବର୍ଣ୍ଣନାତ୍ମକ ଆଦି ବିଶେଷତ୍ୱ ସଂପର୍କରେ ଜାଣିପାରିବେ ।

### Unit Wise Learning Outcome (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

**Unit-1** ଗଦ୍ୟ ସାହିତ୍ୟର ଗୁଣାତ୍ମକ ମୂଲ୍ୟବୋଧକୁ ଜାଣିପାରିବେ ।

**Unit-2** ପ୍ରବନ୍ଧ ସାହିତ୍ୟରୁ ଶିକ୍ଷାର୍ଥୀ ଜ୍ଞାନଲାଭ କରିବେ ।

**Unit-3** ଗଦ୍ୟ ସାହିତ୍ୟରେ ବିଭିନ୍ନ ଚିତ୍ରରୁ ପ୍ରେରଣା ଲାଭ କରିବେ ।

**Unit-4** ଗଦ୍ୟ ସାହିତ୍ୟରୁ ଅନୁପ୍ରେରିତ ହେବେ ।

**Unit-5** କଥା ସାହିତ୍ୟର ତାତ୍ତ୍ୱିକ ମୂଲ୍ୟବୋଧ ଜ୍ଞାନଲାଭ କରିବେ ।

# Course Code 3.10

ଶ୍ରୀଜଗନ୍ନାଥ ସାହିତ୍ୟ

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

ଶ୍ରୀଜଗନ୍ନାଥ ଓଡ଼ିଶାର ଜାତୀୟ ଦେବତା ସମଗ୍ର ବିଶ୍ୱ ପରିପ୍ରେକ୍ଷୀରେ ତାଙ୍କର ମହିମା ବିସ୍ତୃତ । ସମସ୍ତ ଧର୍ମ ମତବାଦର ସମନ୍ୱୟ ଶ୍ରୀଜଗନ୍ନାଥ ସଂସ୍କୃତି ଓ ସାହିତ୍ୟର କଳନା କରାଯାଏ । ଶଂସିତ ପାଠ୍ୟପତ୍ରରେ ଓଡ଼ିଶାର ଲୋକସାହିତ୍ୟ, କିମ୍ବଦନ୍ତୀରେ ଶ୍ରୀଜଗନ୍ନାଥ, ପୁରାଣ, ପ୍ରାଚୀନ କାବ୍ୟକବିତା, ମଧ୍ୟକାଳୀନ ଓ ଆଧୁନିକ କାବ୍ୟକବିତାରେ ଶ୍ରୀଜଗନ୍ନାଥଙ୍କ ସଂପର୍କରେ ଛାତ୍ରଛାତ୍ରୀମାନେ ଅବଗତ ହୋଇପାରିବେ । ଏହାଛଡା ଗଳ୍ପ, ଉପନ୍ୟାସ, ନାଟକ ଓ ପ୍ରବନ୍ଧରେ ପ୍ରତିଫଳିତ ତାଙ୍କ ରୂପ, ଗୁଣ, ମହିମା ସଂପର୍କରେ ଛାତ୍ରଛାତ୍ରୀମାନେ ଉପଲବ୍ଧି କରିପାରିବେ ।

**Unit Wise Learning Outcome** (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

**Unit-1** ଜଗନ୍ନାଥ ସଂସ୍କୃତିର ଉନ୍ମେଷଧାରା ଖୁବ୍‌ପ୍ରାଚୀନ । ଛାତ୍ରଛାତ୍ରୀ ଧାର୍ମିକ ଏକତାକୁ ଉପଲବ୍ଧ ହେବେ ।

**Unit-2** ପୌରାଣିକ ସାହିତ୍ୟରେ ଜଗନ୍ନାଥଙ୍କ ମାହାତ୍ମ୍ୟ ଅଧ୍ୟୟନର ଜ୍ଞାନଅର୍ଜନ କରିବେ ।

**Unit-3** ସାମ୍ୟ ଓ ମୈତ୍ରୀ ସଂସ୍କୃତିର ପ୍ରଧାନ ବିଶେଷତ୍ୱ, ଯାହା ଶିକ୍ଷାର୍ଥୀଙ୍କୁ ଏକତା ଶିକ୍ଷା ଦେବ ।

**Unit-4** ଧର୍ମ ଓ ସଂପ୍ରଦାୟର ସମନ୍ବୟ ଘଟିଛି ଜଗନ୍ନାଥ ସଂସ୍କୃତିର ବିଦ୍ୟାର୍ଥୀଙ୍କୁ ପ୍ରେରଣା ପ୍ରଦାନ କରିବ ।

**Unit-5** ଭାଷାର ସରଳତା, ଭାବର ଲାଳିତ୍ୟ ଓ ଭକ୍ତିଭାବର ମହତ୍ତ୍ୱକୁ ଉପଲବ୍ଧ କରିବେ ।

# Course Code 4.1

ଲୋକସାହିତ୍ୟ

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

ଲୋକ ସାହିତ୍ୟରେ ଓ ଓଡ଼ିଶାର ବିଭିନ୍ନାଞ୍ଚଳର ଲୋକସାହିତ୍ୟର ପ୍ରଦର୍ଶନମୁଖୀ ଆଲୋଚନା ଓ ବିଶେଷତ୍ୱ ସଂପର୍କରେ ଅବଗତ ହବା । ଲୋକଧାରାର ବିଭିନ୍ନ ଅଧ୍ୟୟନ ପଦ୍ଧତି ସଂପର୍କିତ ଦିଗ ସବୁକୁ ବୁଝିବା ।

**Unit Wise Learning Outcome** (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

**Unit-1** ଓଡ଼ିଶାର ଲୋକସାହିତ୍ୟ ବହୁମୁଖୀ ଓ ବିତ୍ତଶାଳୀ ଯାହା ବିଦ୍ୟାର୍ଥୀଙ୍କୁ ବହୁ ଶିକ୍ଷା ପ୍ରଦାନ କରିପାରିବ ।

**Unit-2** ଲୋକଗୀତ ଓ ଗଳ୍ପର ମହତ୍ତ୍ୱ ଶିକ୍ଷାର୍ଥୀ ଉପଲବ୍ଧି କରିପାରିବେ ।

**Unit-3** ବିଭିନ୍ନ ଅଞ୍ଚଳର ଲୋକନାଟକ ଶିକ୍ଷାର୍ଥୀଙ୍କୁ ବହୁ ଶିକ୍ଷା ପ୍ରଦାନ କରିବ ।

**Unit-4** ବିଭିନ୍ନ ତାତ୍ତ୍ୱିକ ଉପାଦାନର ମୂଲ୍ୟ ଉପଲବ୍ଧି କରିପାରିବେ ।

**Unit-5** ବ୍ୟାବହାରିକ ଦିଗରେ ଦୈନନ୍ଦିନ ଜୀବନକୁ ଜାଣିପାରିବେ ।

## Course Code 4.2

ଗବେଷଣା ପଦ୍ଧତି

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

- ଓଡ଼ିଆ ଭାଷା ଓ ସାହିତ୍ୟ ବିଷୟରେ ଦକ୍ଷତା ବର୍ଦ୍ଧକମୂଳକ ଜ୍ଞାନ ବିଦ୍ୟାର୍ଥୀଙ୍କୁ ପ୍ରଦାନ କରିବା ।
- ସମର୍ଥ ଓ ଯୋଗ୍ୟ ଗବେଷକ ଭାବରେ ବିଦ୍ୟାର୍ଥୀଙ୍କୁ ପ୍ରସ୍ତୁତ କରିବା ।
- ଓଡ଼ିଆ ସାହିତ୍ୟକୁ ନବନ୍ୟାୟିକ ଦିଗରୁ ବିଚାର କରିବାର ଦୃଷ୍ଟିଭଙ୍ଗୀ ବୃଦ୍ଧି କରିବା ।

**Unit Wise Learning Outcome** (ପ୍ରତି ଏକକ ଅଧ୍ୟୟନ ଫଳଶ୍ରୁତି)

**Unit-1** ଶିକ୍ଷାର୍ଥୀମାନଙ୍କ ଗବେଷଣା ମନୋବୃତ୍ତି ଚରିତାର୍ଥ କରିବା ସହ ନୂତନ ତଥ୍ୟର ପରିପ୍ରକାଶ ହେବ ।

**Unit-2** ସାହିତ୍ୟକ ଗବେଷଣାରୁ ଜ୍ଞାନ ଆହରଣ କରିପାରିବେ ।

**Unit-3** ଗବେଷଣାର ଭାଷା ଓ ଶୈଳୀ କିପରି ରହିବ ତାହା ଶିକ୍ଷାର୍ଥୀ ଉପଲବ୍ଧି କରିପାରିବେ ।

**Unit-4** ଗବେଷକର ଧର୍ମ ଓ କିପରି ତଥ୍ୟ ସଂଗ୍ରହ କରିବାରେ ଅକୁଣ୍ଠିତ ପରିଶ୍ରମ କରିବେ, ତାହା ପ୍ରେରଣା ଦେବ ।

**Unit-5** ଗବେଷଣାର ବିଭିନ୍ନ ଅଂଶ ବିଦ୍ୟାର୍ଥୀଙ୍କୁ ବହୁ ଜ୍ଞାନ ପ୍ରଦାନ କରିପାରିବ ।

## Course Code 4.3

ଗବେଷଣା ପଦ୍ଧତି

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

ବିଦ୍ୟାର୍ଥୀ ପ୍ରାୟୋଗିକ ଜ୍ଞାନର ବୃଦ୍ଧି ଓ ତାଙ୍କ ଦକ୍ଷତାକୁ ପ୍ରସ୍ଫୁଟିତ କରିବା । ଗବେଷଣାର ତାତ୍ତ୍ୱିକ ଦିଗଗୁଡିକୁ ପ୍ରୟୋଗ କୌଶଳ ସଂପର୍କରେ ମୌଳିକ ଅବଧାରଣ ପ୍ରଦାନ କରିବା ।

ବିଦ୍ୟାର୍ଥୀ ନିଜର ସ୍ୱରଚିତ ପ୍ରକଳ୍ପ ପ୍ରସ୍ତୁତିରେ ଦକ୍ଷତା ବୃଦ୍ଧିରେ ଜ୍ଞାନର ବୃଦ୍ଧି ଘଟିଥାଏ ।

# Course Code 4.4

ପାଠଚକ୍ର ଉପସ୍ଥାପନ ଓ ମୌଖିକ ପରୀକ୍ଷା

**Course Outcome** (ପାଠ୍ୟପତ୍ର ଫଳଶ୍ରୁତି)

ଗବେଷଣାରେ ପ୍ରବୃତ୍ତ ସହ ତାତ୍ତ୍ୱିକ ଓ ବୈଧାନିକ ଦିଗ ଉପରେ ଜ୍ଞାନ ଆହରଣ କରିପାରିବେ ।